Techofworld.In

# ରୂଢ଼ି ପ୍ରୟୋଗ

## କେତେକ ରୂଢ଼ିର ବ୍ୟବହାର

୧. ଅନୁଗ୍ରହର ପାତ୍ର (ଦୟାର ପାତ୍ର) - ଅପରିଚୟକୁ ଅନୁଗ୍ରହର ପାତ୍ର ନ ଭାବି ସାହାଯ୍ୟ କର ।

୨. ଅରଣ୍ୟ ରୋଦନ (ବୃଥା ଚେଷ୍ଟା) - କାହା ପାଖରେ ଅରଣ୍ୟ ରୋଦନ ନକରି ନିଜ କାମ ନିଜେ କର ।

୩. ଅଣ୍ଟା ଭାଙ୍ଗିବା (ଦୁର୍ବଳ ବା ନିଃସହାୟ ହେବା) - ସ୍ତ୍ରୀ ମଲାଦିନୁ ତା'ର ଅଣ୍ଟା ଭାଙ୍ଗିଯାଇଛି । ସେ କେଉଁଥିରେ ମୁଣ୍ଡ ଖେଳେଇବାକୁ ନାରାଜ ।

୪. ଅଣ୍ଟା ଭିଡ଼ିବା (ସାହସ ବାନ୍ଧିବା) - ସମସ୍ତେ ମିଳିମିଶି ଅଣ୍ଟା ଭିଡ଼ିଲେ ପ୍ରାକୃତିକ ବିପଦକୁ ସମ୍ଭାଳି ନେଇହେବ ।

୫. ଅଣ୍ଡିରୁରୀ ତଣ୍ଟି କାଟିବା(ନିଜର ଲୋକ କ୍ଷତି କରିବା)-ତା'ର ଭାଇ ସବୁ ନାଟର ଗୋବର୍ଦ୍ଧନ; ଅଣ୍ଡିରୁରୀ ତଣ୍ଟି କାଟୁଛି ।

୬. ଅନ୍ଧାରରେ ବାଡ଼ି ବୁଲେଇବା କିମ୍ବା ଅନ୍ଧାର ଘରକୁ ଟେକା ମାରିବା କିମ୍ବା ଅନ୍ଧକୁ ଅନ୍ଧ ବାଟ କଢ଼େଇଦେବା (ଅନିଶ୍ଚିତ ଭାବରେ କାର୍ଯ୍ୟ କରିବା) - ଲକ୍ଷ୍ୟ ହାସଲ ନିମିତ୍ତ ଉଚିତ୍ କର୍ମ କର । ଅନ୍ଧାରରେ ବାଡ଼ି ବୁଲେଇଲେ କିଛି ସୁଫଳ ମିଳିବ ନାହିଁ ।

୭. ଅନ୍ଧର ଲଉଡ଼ି (ଏକମାତ୍ର ସନ୍ତାନ) - ଗୋପାଳ ବାପା ମାଆଙ୍କର ଅନ୍ଧର ଲଉଡ଼ି ପରି । ସେମାନେ ତାହାରି ମୁହଁକୁ ଚାହିଁ ଦିନ କାଟୁଛନ୍ତି ।

୮. ଅକଲ ଗୁଡୁମ୍ (ବୁଦ୍ଧି ହଜିଯିବା) - ହଠାତ୍ ବିପଦର ସମ୍ମୁଖୀନ ହେଲେ ଅନେକଙ୍କର ଅକଲ ଗୁଡୁମ୍ ହୋଇଯାଏ ।

୯. ଅକଲ ସଲାମୀ (ଗୁରୁଦକ୍ଷିଣା) - ତୁ ଏ ଯାବତ୍ ଅକଲ ସଲାମୀ ଦେଇନୁ । ବୁଦ୍ଧି ଆସିବ କେଉଁଠୁ ?

୧୦. ମନ ଘର ଧରିବା (ବିଶେଷ କ୍ଷତି ହେବା) - ସେ କାହାକୁ କିଛି କହି ନପାରିଲେ ମଧ୍ୟ ଯାହା ସବୁ ଘଟୁଛି ସେତିକିରେ ତାଙ୍କ ମନ ଘର ଧରିଲାଣି ।

୧୧. ଅଲଣା କଥା (ମୂଲ୍ୟହୀନ କଥା) - ଅଲଣା କଥାରେ ମୁଣ୍ଡ ଖେଳେଇବା ଉଚିତ୍ ନୁହେଁ ।

୧୨. ଅନ୍ଧ ଦେଶରେ ଦର୍ପଣ ବିକିବା (ଆଦର ନଥିବା ସ୍ଥାନ ବା ବ୍ୟକ୍ତି ସହିତ ସମ୍ପର୍କ ରଖିବା) - ଭଗିଆ ପରି ମୂର୍ଖକୁ ଭାଗବତ ବାଣୀ ଶୁଣାଇବା ତୋର ଅନ୍ଧ ଦେଶରେ ଦର୍ପଣ ବିକିବା ଛଡ଼ା ଅନ୍ୟ କିଛି ନୁହେଁ ।

୧୩. ଅନ୍ଧ ବୁଝାମଣା (ଓଲଟା ବୁଝିବା) - ଯେଉଁଠି ଅନ୍ଧ ବୁଝାମଣା ଚାଲିଥିବ ସେଠି ନ୍ୟାୟ ଆଶା କରିବା ଅକାରଣ ।

୧୪. ଅଗ୍ନିଶର୍ମା ହେବା (ଖୁବ୍ ରାଗିବା)-ଅସଲ କଥାଟା କହିଦେବାରୁ ଲୋକଟା ଅଗ୍ନିଶର୍ମା ହୋଇ ଆମ ସମସ୍ତଙ୍କୁ ଗାଳିଦେଲା ।

୧୫. ଅଠା ବୋଳିଦେବା (ଦୟା କରିବା) - ନିଜେ ଦୋଷ କରି ଅନ୍ୟ ମୁଣ୍ଡରେ ଅଠା ବୋଳିଦେବା ତା'ର ଅଭ୍ୟାସ ।

୧୬. ଅଠରନଳା ସଙ୍ଗେ ସଙ୍ଗାତ ବସିବା (ଅଠରଟି ସନ୍ତାନ ସନ୍ତତିର ମାଆ ହେବା) - ସାବି ନାନୀ ଅଠରନଳା ସଙ୍ଗେ ସଙ୍ଗାତ ବସିପାରିଛି ।

୧୭. ଅମଡ଼ା ମାଡ଼ିବା (ଅବାଟରେ ଯିବା) - ଜୀବନରେ ଅମଡ଼ା ମାଡ଼ିବା ବଡ଼କଥା ନୁହେଁ । ଅମଡ଼ା ମାଡ଼ିବା ପରେ ବାଟ ଫେରିଆସିବା ହେଲା ବଡ଼କଥା ।

୧୮. ଅମୃତ ହାଣ୍ଡିରେ ବିଷ କଣିକାଏ (ଗୋଟିଏ ମନ୍ଦ କାର୍ଯ୍ୟ ଦ୍ୱାରା ସମସ୍ତ ସୁଫଳ ନଷ୍ଟ ହେବା)-ଗୋବିନ୍ଦବାବୁ ସାରା ଜୀବନ ଆଦର୍ଶବାଦୀ ହୋଇ ଶେଷରେ ଏହି ସାମାନ୍ୟ କଥାରେ ସାନଭାଇକୁ ଘରୁ ବାହାର କରିଦେଲେ । ଏହା ତ ଅମୃତହାଣ୍ଡିରେ ବିଷ କଣିକାଏ କଥା ହେଲା ।

୧୯. ଅଇଘରାକୁ ବାଇଗଣ ଫିଙ୍ଗିବା (ଅନିର୍ଦ୍ଦିଷ୍ଟ ଫଳ ଆଶାରେ କୌଣସି କାମକରିବା) - ତା' କଥା କାହିଁକି କହୁଛୁ ? ତା'ର ସବୁ କାମ ଅଇଘରାକୁ ବାଇଗଣ ଫିଙ୍ଗିବା ସହ ସମାନ ।

୨୦. ଅପାଳକ ରାଜ୍ୟକୁ ବିଜୁଳି ଲକ୍ଷେ ଟଙ୍କା (କ୍ଷୀଣ ଆଶାର ସଞ୍ଚାର) - ସେ ସବୁଠାରୁ ଖାଲି ହାତରେ ଫେରି ହତାଶ ହୋଇପଡ଼ିଛି, ତା'ର

Techofworld.In



ତା'ପ୍ରତି ଆଶ୍ୱାସନା ଅପାଳକ ରାଇଜକୁ ବିଜୁଳି ଲକ୍ଷେ ଟଙ୍କା ପରି ।

୨୧. ବେଡ଼ି ଉପରେ କୋରଡ଼ା (ଦୁଃଖ ଉପରେ ଦୁଃଖ) - ବାତ୍ୟାରେ ତାଙ୍କ ଘର ଉଜୁଡି ଯାଇଥିବା ବେଡ଼ି ଉପରେ କୋରଡ଼ା ପରି ।

୨୨. ଅଇରି ଖପରା ବଇରି ବା କିମ୍ବା ଅଭଲ ପତର ବଉଳ ବା (ଅତ୍ୟନ୍ତ ଗରୀବ)-ଘରୁ ଚାଲି ଆସିବା ପରେ ଲୋକଟା ଅଇରି ଖପରା ବଇରି ହୋଇ ବୁଲୁଛି । ତାକୁ କେହି ସାହାଯ୍ୟ କରିବାକୁ ନାହିଁ ।

୨୩. ରକ୍ତ ଚାଉଳ ଚୋବାଇବା (ଖୁବ୍ ରାଗିଯିବା) - ସେ ମୋ ନାଁ ଧରିଲେ ରକ୍ତ ଚାଉଳ ଚୋବାଉଛନ୍ତି ।

୨୪. ଅହିନକୁଳ ସମ୍ପର୍କ (ଭୀଷଣ ଶତ୍ରୁତା) - ମାଧବ ଓ ମୋ ଭିତରେ ଅହିନକୁଳ ସମ୍ପର୍କ । ଏପରି ସ୍ଥଳେ ମୁଁ ତାଙ୍କ ପାଖକୁ କେମିତି ଯିବି ?

୨୫. ଆ ବଳଦ ମୋତେ ବିନ୍ଧ କିମ୍ବା ଆ କୁରାଢ଼ି ବେକରେ ବସ (ବିପଦକୁ ଡାକି ଆଣିବା) - ଆ ବଳଦ ମୋତେ ବିନ୍ଧ, ତୋତେ ଯେତେବେଳେ ମୁଁ ସୁଯୋଗ ଦେଇଥାଏ, ତୁ ମୋତେ ବିପଦରେ ନ ପକାଇବୁ କିପରି ?

୨୬. ଆକାଶ କୁସୁମ (ଅସମ୍ଭବ କଥା) - ତୋର ଯୋଜନା ମତେ ଆକାଶ କୁସୁମ ପରି ଲାଗୁଛି ।

୨୭. ଆଖି ଆଗରେ ରଖିବା (ଲକ୍ଷ୍ୟ ରଖିବା) - ଜାତୀୟ ସ୍ୱାର୍ଥକୁ ଆଖି ଆଗରେ ରଖି ଆମକୁ କର୍ତ୍ତବ୍ୟ ସମ୍ପାଦନ କରିବାକୁ ହେବ ।

୨୮. ହରଡ ଘଣାରେ ପଡିବା (ଘୋର ବିପଦରେ ପଡିବା) - ସେ ନିଜର ସ୍ୱାର୍ଥପର ସ୍ୱଭାବ ଯୋଗୁଁ ଏବେ ହରଡ ଘଣାରେ ପଡିଛନ୍ତି ।

୨୯. ଆଖି ଦେବା (ଯତ୍ନ ନେବା) - ପିଲାଟା ଉପରେ ଟିକିଏ ଆଖି ଦେବା ପାଇଁ ମୁଁ ତାଙ୍କୁ ଅନୁରୋଧ କରିଛି ।

୩୦. ଆଖି ପକେଇବା (ଲୋଲୁପ ଦୃଷ୍ଟି) - ସେ ଏହି ଜିନିଷଟି ଉପରେ ଆଖି ପକାଉଛି ।

୩୧. ହାତ ବାରିସି (ବୋଲକରା) - ରାଜା ତା ମାଲିକର ହାତ ବାରିସି ସଦୃଶ ।

୩୨. ଆଖି ବୁଜି ଦୁଧ ପିଇବା (ଠକିବା) - ସେ ଭାବୁଛି ଯେ କେହି କିଛି ଜାଣୁ ନାହାନ୍ତି । ପୁଅ ଆଖି ବୁଜି ଦୁଧ ପିଉଛି ।

୩୩. ମୁଣ୍ଡରେ ବଜ୍ର ପଡିବା (ବଡ ବିପଦ ଆସିବା) - ସେ ନିଜର ପିତାଙ୍କ ମୃତ୍ୟୁ ସମ୍ବାଦ ପାଇ ମୁଣ୍ଡରେ ବଜ୍ର ପଡିବା ପରି ଅନୁଭବ କଲେ ।

୩୪. ଆଖିରେ ଆଙ୍ଗୁଠି ପୂରାଇବା କିମ୍ବା ଆଖିରେ ଧୂଳି ଦେବା (ଠକିବା) - ସେ ସମସ୍ତଙ୍କ ଆଖିରେ ଆଙ୍ଗୁଠି ପୂରାଇ ଏଠାରୁ ଚାଲିଯାଇଛି । କେବଳ ସେତିକି ନୁହେଁ, ଗଲାବେଳେ ଆଉ କେତେକଥା କରିଯାଇଛି ।

୩୫. ଆଖି ବୁଜିବା (୧) (ମୃତ୍ୟୁବରଣ କରିବା)- ସେ ଷାଠିଏ ବର୍ଷ ବୟସରେ ଆଖି ବୁଝିଲେ (୨) (ଉପେକ୍ଷା କରିବା) - ସେ ସବୁ କଥାକୁ ଆଖି ବୁଜି ଦିଅନ୍ତି ।

୩୬. ଲଙ୍କାରେ ହରି ଶବ୍ଦ (ଅସମ୍ଭବ କଥା) - ସେ ସର୍ବଦା ମିଛକଥା କହୁଥିବା ବେଳେ, ଏବେ କହୁଥିବା ସତ କଥାଟି ଲଙ୍କାରେ ହରି ଶବ୍ଦ ପରି ।

୩୭. ଆଖି ଡେରିଦେବା (ଆଶ୍ଚର୍ଯ୍ୟ ହେବା) - ତାଙ୍କ ହାବଭାବ ଦେଖି ମୋ ଆଖି ଡେରି ହୋଇଗଲା ।

୩୮. ଆଖି ଛୁଇଁବା (ରାଣ ଖାଇବା) - କଥା କଥାକେ ଆଖି ଛୁଇଁବା ଓ ନିଜକୁ ନିର୍ଦ୍ଦୋଷ ବୋଲି ଦାବୀ କରିବା ତାଙ୍କର ପୁରୁଣା ଅଭ୍ୟାସ ଅଟେ ।

୩୯. ଆଖି ପାଣିରେ ମରିବା (ବହୁକାଳ ଅପେକ୍ଷା କରି ନିରାଶ ହେବା) - ତାଙ୍କ ବାଟ ଚାହିଁ ଚାହିଁ ମୋ ଆଖି ପାଣି ମଲାଣି ।

୪୦. ଆଖିରୁ ଜୁଳୁଜୁଳିଆ ପୋକ ବାହାରିଯିବା (ହତଜ୍ଞାନ ହେବା) - ତାଙ୍କର ଅକାଳ ବିୟୋଗ ଖବର ଶୁଣି ମୋ ଆଖିରୁ ଜୁଳୁଜୁଳିଆ ପୋକ ବାହାରିଗଲା ।

୪୧. ହାଟ ମଧ୍ୟରେ ବ୍ରହ୍ମ ଜ୍ଞାନ (ଅପାତ୍ରରେ ଦାନ) - ତୁ ଖେଳ ପଡିଆରେ ଆଉ ଭାଗବତ ବାଣୀ ଶୁଣାନା, ଏହା ଏଠାରେ ହାଟ ମଧ୍ୟରେ ବ୍ରହ୍ମ ଜ୍ଞାନ ସଦୃଶ ।

୪୨. ଆଖିକିଆରୀକୁ ଠେଲିଦେବା (ବିପଦରେ ପକାଇବା) - ତାହା ସହିତ ଘନିଷ୍ଠ ବନ୍ଧୁତା ରଖିବା ଉଚିତ୍ ନୁହେଁ । କାରଣ ବେଳ ପଡ଼ିଲେ ସେ ଯେକୌଣସି ଲୋକକୁ ଆଖି କିଆରୀକୁ ଠେଲିଦେଇପାରେ ।

୪୩. ବସି ଖାଇଲେ ନଈ ବାଲି ସରେ (କର୍ମକୁଣ୍ଠ ବ୍ୟକ୍ତି ବିପୁଳ ସମ୍ପତ୍ତିର ଅଧିକାରୀ ହେଲେ ମଧ୍ୟ ଶେଷରେ ଅଭାବ ଗ୍ରସ୍ତ ହୁଏ) - ସେ ଏକ ନିପଟ ଅଳସୁଆ । ବାପ ସମ୍ପତ୍ତି ବସି କେତେ ଦିନ ଖାଇବ, ତାର ମନେ ପଡୁନି ଯେ, ବସି ଖାଇଲେ ନଈ ବାଲି ସରେ ।

୪୪. ଆଗତ କୁହା, ପର ଗାଇ ଦୁହାଁ (ଉପରେ ପଡ଼ି କହିବା) - ତୋତେ ତ କେହି ପଚାରୁ ନାହାନ୍ତି । ତୁ କାହିଁକି ଆଗତକୁହା, ପର ଗାଇ ଦୁହାଁ ପରି ଭାଷଣ ଦେଉଛୁ ।

୪୫. ଅଗତା ଚଢ଼େଇକି ବେସର ବଟା (ରୋଜଗାର ନ ହେଉଣୁ ଖର୍ଚ୍ଚର ଯୋଜନା) - ତୁ ଆଗ ନିଜେ କେଉଁଠି ମୁଣ୍ଡ ଗୁଞ୍ଜିବାକୁ ଚେଷ୍ଟାକର । ଅନ୍ୟର ଦାୟିତ୍ୱ ମୁଣ୍ଡକୁ ନେବା ପାଇଁ କାହିଁକି ଭାବୁଛୁ । ତୋ କଥା ମୋତେ ଅଗତା ଚଢ଼େଇକୁ ବେସରବଟା ପରି ଲାଗୁଛି ।

୪୬. ଆଣ୍ଠୁ ଆଡୁଆ ନିଶାପ (ଓଲଟା ବୁଝାମଣା) - ପଞ୍ଚାୟତକୁ ମାଧିଆକୁ ଭଦ୍ରଲୋକ ହିସାବରେ ଡାକିବା ତୋର ବିରାଟ ଭୁଲ । କାରଣ ମାଧିଆର ଆଣଣ୍ଠୁ ଆଡୁଆ ନିଶାପ କିଏ ନ ଜାଣେ ?

୪୭. ଆପୁ ଆପୁ ହେବା (ପାଟିରୁ କଥା ନ ବାହାରିବା) - ସତଟା ଜଣାପଡ଼ିଯିବା ପରେ ଲୋକଟା ଆପୁଆପୁ ହୋଇଗଲା ।

୪୮. ଆପଣା ସୁନା ଭେଣ୍ଡି (ନିଜ ଲୋକ ଦ୍ୱାରା ଅପଦସ୍ତ ହେବା) - ରାମହରିବାବୁ ଅପମାନିତ ହେବେ ନାହିଁ । ଆପଣାସୁନା ଭେଣ୍ଡି, ଶତ୍ରୁଘ୍ନ ତାଙ୍କ ନିଜଲୋକ ହୋଇ ତାଙ୍କର ଚରିତ୍ର ସନ୍ଦେହଜନକ ବୋଲି ଚାରିଆଡ଼େ କହିବୁଲୁଛି ।

୪୯. ଆବୁଆଛାଟି କହିବା (କାଳ୍ପନିକ କଥା କହିବା) - ତୁ ଯଦି ଠିକ୍ ଭାବେ ଜାଣିଛୁ, ତେବେ କଥାଟା କହ । ଆବୁଆଛାଟି କହିବା ଏଠି ଚଳିବ ନାହିଁ ।

Techofworld.In

୫୦. ଆଶା ଭରସା (ଏକମାତ୍ର ସହାୟ) - ତାଙ୍କର କେହି ନାହିଁ । ଭଗବାନ ହିଁ କେବଳ ଆଶା ଭରସା ।

୫୧. ଆର ପାରିର ଡାକ (ଆୟୁଷ ଶେଷ ହେବା) - ଭବିଷ୍ୟତ ଉପରେ ଚିନ୍ତା କରିବା ପାଇଁ ମୋ ପାଖରେ ଅବକାଶ ଆଉ ନାହିଁ । ମୋତେ ଏବେ ଆର ପାରିରୁ ଡାକ ଶୁଭିଲାଣି ।

୫୨. ବୋପାରାଣ ଢ଼ିଙ୍କି ଗିଳି (ଜୋର ଜବରଦସ୍ତ କରିବା) - ମୋତେ ବାପା ରାଣ ଢ଼ିଙ୍କି ଗିଳି କହିଲେ କଣ ହେବ । ମୋ ଦ୍ୱାରା ଏହି କାର୍ଯ୍ୟ ହେବନାହିଁ ।

୫୩. ଭାତରେ ମାରିବା (ଜୀବିକା ଛଡାଇ ନେବା) - କୌଣସି ମଣିଷକୁ ଭାତରେ ମାରିବା ଏକ ଅପରାଧ ଅଟେ ।

୫୪. ଉଠିଆ ଖାଇବା (ମାଗଣା ଖାଇବା) - କୌଣସି କାମ ନ କରି ଉଠିଆ ଖାଇବା ତୋର ଅଭ୍ୟାସ ହୋଇଗଲାଣି । ଏ ଅଭ୍ୟାସ ତୋତେ ଛାଡ଼ିବାକୁ ହେବ ।

୫୫. ଉଷୁନା ଧାନ ଗଜା ହେବା (ଅସମ୍ଭବ କଥା ସମ୍ଭବ ହେବା) - ଉଷୁନା ଧାନ ଗଜା ହେବ ନା ତାଙ୍କ ଅତୀତ ଆଉଥରେ ଫେରିଆସିବ ।

୫୬. ଉଡ଼ନ୍ତା ଚଢ଼େଇର ପକ୍ଷୀ ଗଣିବା (ଗୂଢ଼ ରହସ୍ୟ ଭେଦ କରିବା) - ସେ ଉଡ଼ନ୍ତା ଚଢ଼େଇର ପକ୍ଷୀ ଗଣିବା ଲୋକ । ତା କାନରେ ପଦେ ପଡ଼ିଲେ ସେ ସମସ୍ତ ଘଟଣା ଠଉରେଇ ଦେବ ।

୫୭. ଉପରେ ପଡ଼ିବା (ଅଯାଚିତ ଭାବରେ ଭାଗ ନେବା) - ସବୁକଥା ଉପରେ ପଡ଼ି ନୀତିବାକ୍ୟ ଶୁଣାଇବାରେ ସେ ଅଭ୍ୟସ୍ତ । ତେଣୁ ତା କଥାରେ ମୁଣ୍ଡ ଖେଳାଇବା ଉଚିତ୍ ନୁହେଁ ।

୫୮. ଋଷି ଜଟ(ବାଳ) ଛିଣ୍ଡେଇ ମରିବା (ଯେଉଁ କଥାରେ ବା କାର୍ଯ୍ୟରେ ଅତି ଧୈର୍ଯ୍ୟଶାଳୀ ବ୍ୟକ୍ତି ମଧ୍ୟ କ୍ରୁଦ୍ଧ ହୋଇଯାଏ)- ଲକ୍ଷ୍ମୀନାରାୟଣ ବାବୁ ରାଗିବେ ନାହିଁ; ପୀତାମ୍ବର ତାଙ୍କ ନିଜ ଭାଇ ହୋଇ ତାଙ୍କ ବିରୁଦ୍ଧରେ ସାକ୍ଷୀ ଦେଲା । ସେ ତ ଋଷି ଜଟ ଛିଣ୍ଡେଇ ମରିବା ଅବସ୍ଥା ଭୋଗୁଛନ୍ତି ।

୫୯. ଏକା ମାଘରେ ଶୀତ ଯାଏନି (ଶଠତା ଆଚରଣ ପୂର୍ବକ ସର୍ବଦା ସ୍ୱାର୍ଥସିଦ୍ଧି ସମ୍ଭବ ନୁହେଁ) - ସେ ମୋତେ ଏଥର ଠକି ଦେଇ ଚାଲିଗଲା । ଏକା ମାଘରେ ଶୀତ ଯାଏନି; ଭବିଷ୍ୟତରେ କେବେ ଆସିଲେ ସେ ଜାଣିବ ମୁଁ କ'ଣ କରିପାରେ ?

୬୦. ଏ ଘର ମାଉସୀ ସେ ଘର ପିଉସୀ କିମ୍ବା ବରଘର ମାଉସୀ କନ୍ୟା ଘର ପିଉସୀ (ବ୍ୟକ୍ତିତ୍ୱହୀନ ଲୋକ, ନିଜ ସ୍ୱାର୍ଥ ପାଇଁ ସବୁଠି ଭଲେଇ ହବା) - ତୁ ଯେଉଁ ବୁଢ଼ୀ କଥା କହୁଛୁ, ତା'ର ନାଁ ଧର ନାହିଁ । ସେ ପରା ଏ ଘର ମାଉସୀ ସେ ଘର ପିଉସୀ ।

୬୧. ଓଳିଆରୁ ପଡ଼ି ଗଜା (ମୂଳରୁ ଚାଲାକ୍, ଜନ୍ମରୁ ବୁଦ୍ଧିମାନ୍) - ସେ ପରା ଓଳିଆରୁ ପଡ଼ି ଗଜାହୋଇଛି, ତାକୁ ବୁଦ୍ଧିରେ ଟପିଯିବା ସହଜ ନୁହେଁ ।

୬୨. କଥା ଦେବା (ପ୍ରତିଶ୍ରୁତି ଦେବା) - ସେ ଏ କ୍ଷେତ୍ରରେ ସାହାଯ୍ୟ କରିବେ ବୋଲି କଥା ଦେଇଛନ୍ତି ।

୬୩. ଔଷଧ ରାଗରେ କିମ୍ବା ଜର ବାଉଳାରେ ତାଟିଆ କାମୁଡ଼ିବା (ନିଜର ଅସନ୍ତୋଷ ଅନ୍ୟ ଉପରେ ଥୋଇବା)-ଆଗପଛ ବିଚାର କରି ପାଟି ଖୋଲିବାକୁ ହେବ ।

୬୪. କଂସାରି ଘରର ପାରା (କୌଣସି କଥାରେ ଅଭ୍ୟସ୍ତ) - ତାହାକୁ ତୁ ଧମକାଇବା ଅକାରଣ । ସେ ପରା କଂସାରି ଘରର ପାରା, କେତେ ଧମକାଣକୁ ଖାତିର କରିନି ।

୬୫. କଣ୍ଟା ହେବା (ବାଧା ଦେବା) - ସେ ମୋ ବାଟରେ କଣ୍ଟା ହେଲାଣି ।

୬୬. କଣ୍ଟାବାଡ଼ରେ ଲୁଗା ପକେଇ କଳି କରିବା (ଉପରେ ପଡ଼ି ଝଗଡ଼ା କରିବା) - ତୁ ମୋତେ ସେ ବୁଢ଼ା ବିଷୟରେ କିଛି କହ ନାହିଁ । ସେ କଣ୍ଟା ବାଡ଼ରେ ଲୁଗା ପକେଇ କଳି କରିବା ଲୋକ ।

୬୭. କଥା ରଖିବା ବା କଥା ତଳେ ନ ପକାଇବା (ପ୍ରତିଶ୍ରୁତି ପାଳନ କରିବା ବା ଅନୁରୋଧ ରକ୍ଷା କରିବା) - ସେ କଥା ରଖିବେ ବୋଲି ମୋର ବିଶ୍ୱାସ ଅଛି ।

୬୮. କଥା ଛିଣ୍ଡାଇବା (ନିଷ୍ପତ୍ତି କରିବା) - ଆପଣଙ୍କ ଘରର ଗୋଳମାଳ ଅନେକ ଦିନ ହେବ ଲାଗିରହିଛି । ପାଞ୍ଚ ଲୋକ ଡାକି କଥାଟା ଛିଣ୍ଡାଇ ଦେବା ଭଲ ।

୬୯. କଡ଼ାଗଣ୍ଡା ବୁଝିନେବା (୧) (ସମସ୍ତେ ସମ୍ପର୍କ ତୁଟେଇବା) - ବହୁତ ସହିବା ପରେ ମୁଁ ତାଙ୍କ ସହିତ କଡ଼ାଗଣ୍ଡା ହିସାବ ବୁଝି

ନେଇସାରିଛି । (୨) (ସମସ୍ତ ହିସାବ ବୁଝିନେବା) -ମାଲିକ ମୋ ପାଖରୁ ତହବିଲ୍‌ର କଡ଼ାଗଣ୍ଡା ହିସାବ ବୁଝି ନେଇସାରିଛନ୍ତି ।

୭୦. କପାଳରେ ହାତ ଦେବା (ହତାଶ ହେବା) - ଚତୁର୍ଦ୍ଦିଗରୁ ବିପଦ, କେହି ଜଣେ ବି ସାହାଯ୍ୟ କରିବାକୁ ନାହିଁ । ବିଚାରା କପାଳରେ ହାତ ଦେଇ ବସିଛି ।

Techofworld.In

୭୧. କପାଳ ଫାଟିବା ବା କପାଳ ପୋଡ଼ିବା (ଦୁର୍ଦ୍ଦଶାଗ୍ରସ୍ତ ହେବା) - ଘରପୋଡ଼ି ପରେ ପରେ ଚୋରୀ, କପାଳ ଫାଟିବା କଥା; କିଏ ପିଠିରେ ପଡ଼ିବ ?

୭୨. କପାଳ ଫିଟିବା (ସୌଭାଗ୍ୟ ଉଦୟ ହେବା) - ବ୍ୟବସାୟ କଲାପରେ ଲୋକଟାର କପାଳ ଫିଟିଲା; ଘରେ ଲକ୍ଷ୍ମୀ ବିରାଜମାନ କଲେ ।

୭୩. କପା ଖାଇରେ ପଡ଼ିବା (ବିପଦରେ ପଡ଼ିବା) -ଲୋକଟା କପାଖାଇରେ ପଡ଼ିଛି, ତାକୁ ମୁକୁଳିବା ବାଟ ଦେଖାଯାଏ ନାହିଁ ।

୭୪. କଟା ଘାଆରେ ଚୂନ (ବିପଦ ଉପରେ ବିପଦ) - ସେ ଏବେ ବେମାର ଅଛି । ଏତେବେଳେ ତୁ ତାହା ସାଥିରେ କଜିଆ କରିବା ଅର୍ଥ କଟା ଘାଆରେ ଚୂନ ଲଗାଇବା ପରି ହେବ ।

୭୫. କରଡ଼ି ଜଳିବା (କ୍ଷୁଧା ହେବା) - ଭୋକରେ ମୋ ପେଟ କରଡ଼ି ଜଳୁଛି ।

୭୬. କାନ ନାକ ଧରିବା (ଅପମାନିତ ହେବା) - ସାମାନ୍ୟ କଥାକୁ ନେଇ ତୁ ଗୋଟାଏ ଭଦ୍ରଲୋକକୁ କାନ ନାକ ଧରିବାକୁ ବାଧ କରୁଛୁ, ଏଟା କ'ଣ ଭଲ କଥା ?

୭୭. କଳା କନା ବୁଲାଇବା (ସର୍ବନାଶ ଘଟିବା) - ପଡ଼ୋଶୀର ଚକ୍ରାନ୍ତ ଫଳରେ ତାଙ୍କ ଘରେ କଳା କନା ବୁଲିଗଲା ।

୭୮. କନ୍ୟା ଦେଖା, ବାଇଗଣ ବିକା (କୌଣସି ସ୍ଥାନରେ ଏକ ସମୟରେ ଦୁଇଟି କାର୍ଯ୍ୟ କରିବା)- ତୁମେ ଏଥର ବହି କିଣିବା ପାଇଁ କଟକ ଗଲେ କୌଣସି ଭଲ ଡାକ୍ତରଙ୍କ ପାଖରେ ନିଜ ସ୍ୱାସ୍ଥ୍ୟ ଭଲ କରି ଦେଖାଇ ନେବ । କନ୍ୟା ଦେଖା, ବାଇଗଣ ବିକା ଏ ଦୁଇଟି କାର୍ଯ୍ୟ ସୁବିଧାରେ ହୋଇଯିବ ।

୭୯. କାଠିକର ପାଠ (ଅତୀବ କଷ୍ଟକର) - ବର୍ତ୍ତମାନ ଦରଦାମ ଯେପରି ହୁ ହୁ ହୋଇ ବଢ଼ୁଛି, ସେଥିରେ ସୀମିତ ଆୟ ଭିତରେ ଘର ଚଳାଇବା କାଠିକର ପାଠ ହେଲାଣି ।

୮୦. କାନରେ ହାତ ଦେବା (ନ ଶୁଣିବା ରୀତି) - ଚାଟୁ ବାକ୍ୟ କିମ୍ବା ଅନ୍ୟର କୁତ୍ସା ରଟନା ଶୁଣିଲେ ସାଧୁଜନ କାନରେ ହାତ ଦେଇବସନ୍ତି ।

୮୧. କାମରେ ହାତ ଦେବା (କାର୍ଯ୍ୟାରମ୍ଭ) - ସେ ଆଗପଛ ବିଚାର କରି ନିଜ କାମରେ ହାତ ଦିଅନ୍ତି ।

୮୨. କାନ୍ଧ ଲଗେଇବା (ସାହାଯ୍ୟ କରିବା) - ସମସ୍ତେ କାନ୍ଧ ଲଗେଇଲେ ଯେକୌଣସି କାର୍ଯ୍ୟ ସମ୍ପନ୍ନ ହୋଇପାରେ ।

୮୩. କାଠ ହୋଇଯିବା କିମ୍ବା ଜଡ଼ ପାଲଟିଯିବା (ସ୍ତମ୍ଭୀଭୂତ ହେବା) - ଘରୁ ଦୁଃସମ୍ବାଦ ପାଇବା ପରେ ସେ କ୍ଷଣକାଳ କାଠ ପାଲଟି ଗଲେ ।

୮୪. କଳା କାଠ ପଡ଼ିଯିବା (ହତାଶ ହେବା, ଅପମାନିତ ହେବା) - ଦୁଶ୍ଚିନ୍ତାରେ ମାଧବ କଳାକାଠ ପଡ଼ିଗଲା । ତାଙ୍କ କୁକର୍ମ ଜଣାପଡ଼ିବା ପରେ ସେ ଲାଜରେ କଳାକାଠ ପଡ଼ିଗଲା ।

୮୫. କୁଆ ଛୁଆ ଉଡ଼ିଯିବା (ନିର୍ମମ ମାଡ଼ ହେବା) - ଚୋରକୁ ଧରିବା ପରେ ସମସ୍ତଙ୍କ ହାତ ଉଠିଲା । କ'ଣ କହିବି ମାଡ଼ରେ କୁଆ ଛୁଆ ଉଡ଼ିଗଲା ।

୮୬. କୁଟା ଖଣ୍ଡିକ ଦି ଖଣ୍ଡ ନ କରିବା (ସଂପୂର୍ଣ୍ଣ ଅଳସୁଆ) - ଗୋପାଳ ନିଜେ କୁଟାଖଣ୍ଡିକ ଦି ଖଣ୍ଡ କରେ ନାହିଁ; ମାତ୍ର ଅନ୍ୟକୁ ଉପଦେଶ ଦେବାରେ ଧୂରନ୍ଧର ।

୮୭. କୁହୁଡ଼ି ପହଁରିବା (ବୃଥା ଭାବନା) - ପୁଅ ମନେ ମନେ କୁହୁଡ଼ି ପହଁରୁଛି, ନିଜ କର୍ତ୍ତବ୍ୟକୁ ହୁଡି ପୋଲାମାଲ୍ ପାଇବା ପାଇଁ ଯୋଜନା କରୁଛି ।

୮୮. କେରାଣ୍ଡି ଗୁଚ୍ଛି ବାଳିଆ ଧରିବା (ବୃହତ୍ତର ସ୍ୱାର୍ଥ ସିଦ୍ଧି ପାଇଁ ନଗଣ୍ୟ ଦାନ) - ତୋତେ ହାତ କରିବା ପାଇଁ ଏବେ ତୋ ସହିତ ସହଯୋଗ କରୁଛି । ମନେରଖ କେରାଣ୍ଡି ଗୁଚ୍ଛି ବାଳିଆ ଧରିବାରେ ସେ ଧୂରନ୍ଧର ।

୮୯. ଖଡ଼ି ଧରିବା (ବିଦ୍ୟାରମ୍ଭ କରିବା) - ପିଲାଟି ଆସନ୍ତା ଶ୍ରୀପଞ୍ଚମୀ ଦିନ ଖଡ଼ି ଧରିବ ।

୯୦. ଖଣ୍ଡା ଦାଢ଼ରେ ବାଟ ଚାଲିବା (ସାବଧାନ ହୋଇ ଚଳିବା) - ମୋ ଚାରି ପାଖରେ ଶତ୍ରୁ; ମୋତେ ସର୍ବଦା ଖଣ୍ଡା ଦାଢ଼ରେ ବାଟ ଚାଲିବାକୁ ପଡୁଛି ।

୯୧. ଖାଲ ଖୋଳିବା (ଷଡ଼ଯନ୍ତ୍ର କରିବା) - ଅନ୍ୟ ପାଇଁ ଖାଲ ଖୋଳିବା ଲୋକ ଦିନେ ନା ଦିନେ ନିଜେ ଖାଲରେ ପଡ଼େ ।

୯୨. ଖାଲରେ ପକାଇବା (ବିପଦରେ ପକାଇବା) - ସେ ନିଜର ସ୍ୱାର୍ଥସିଦ୍ଧି ପାଇଁ ଯେ କୌଣସି ଲୋକକୁ ଖାଲରେ ପକାଇବାକୁ କୁଣ୍ଠିତ ନୁହଁନ୍ତି ।

୯୩. ଖିଅ କାଢ଼ିବା (ଆଳ ବାହାର କରିବା) - ମାଳତୀ ନାନୀ କଥା କିଏ ନ ଜାଣେ; କୌଣସିମତେ ଖିଅ କାଢ଼ି ସେ କଜିଆ କରି ବସିବ ।

Techofworld.In



୯୪. ଗାଲରେ ହାତ ଦେବା (ଚିନ୍ତିତ ହେବା) - ଉପସ୍ଥିତ ବିପଦରୁ ଉଦ୍ଧାର ପାଇବା ପାଇଁ ସେ ଗାଲରେ ହାତଦେଇ ବସିଛନ୍ତି ।

୯୫. ଗୁମର ଫିଟିଯିବା (ଗୁପ୍ତ କଥା ଜଣାପଡ଼ିବା, ରହସ୍ୟ ଉଦ୍‌ଘାଟନ) - ମୋ ସହିତ ଅଧିକ ଯୁକ୍ତି କରନ୍ତୁ ନାହିଁ; ଯଦି ବଢ଼ନ୍ତି, ତେବେ ମୁଁ ତୁମର ଗୁମର ଫିଟାଇବାକୁ ବାଧ ହେବି ।

୯୬. ଗୋଡ଼ରୁ ପାଣି ମରିବା (ଥକିଯିବା) - ଚାଲି ଚାଲି ମୋ ଗୋଡ଼ରୁ ପାଣି ମରିଗଲାଣି । ମୁଁ ଆଉ ଚାଲି ପାରିବିନି ।

୯୭. ଗୋଡ଼ ଟେକିବା (ଉଦ୍ୟତ ହେବା) - ସେ ଘରକୁ ଯିବା ପାଇଁ ଗୋଡ଼ ଟେକି ବସିଛି ।

୯୮. ଗୋଟିଏ ଚାଉଳରେ ଗଢ଼ା (ଅତି ସୁନ୍ଦର) - ପିଲାଟାର ଖୁଣିବାକୁ କିଛି ନାହିଁ । ସେ ଗୋଟିଏ ଚାଉଳରେ ଗଢ଼ା ।

୯୯. ଗୋଡ଼ ହାତ ନ ପାଇବା (କଳନା କରି ନପାରିବା) - ଆମ ଘର ପାଖ ପୋଖରୀଟି ଏବେ ଜଳପୂର୍ଣ୍ଣ ଅଛି, ସେଥିରେ ପଶିଗଲେ ଗୋଡ଼ହାତ ପାଇବ ନାହିଁ ।

୧୦୦. ଗୋବର ଗଦାରେ କଇଁ ଫୁଟିବା (ଅସମ୍ଭବ କଥା ଘଟିବା) - ତାହାପରି ପିଲା ଆମ ଅଞ୍ଚଳରେ ନାହିଁ । ଗୋବର ଗଦାରେ କଇଁ ଫୁଟିବା ପରି ସେ ବଇଁଶି ଘରେ ଜନ୍ମ ହୋଇଛି ।

୧୦୧. ଗୋଡ଼ ତଳର ଲୋକ (ନ୍ୟୁନ ଲୋକ) - ଆମେ ସବୁ ତାଙ୍କର ଗୋଡ଼ ତଳର ଲୋକ । ଅଧିକ କହି କି ଲାଭ ଅଛି ?

୧୦୨. ଗୋଡ଼ ଧରିବା (ବିଶେଷ ଅନୁରୋଧ କରିବା) - ବିପଦରୁ ରକ୍ଷା ପାଇବାକୁ ହେଲେ ଅନ୍ୟର ଗୋଡ଼ ମଧ ଧରିବାକୁ ହୁଏ ।

୧୦୩. ଗୋବର ଗଣେଶ (ଗଜମୂର୍ଖ) - ସେ ଗୋଟିଏ ଗୋବର ଗଣେଶ । ତା'ଦେଇ କିଛି ହେବନି ।

୧୦୪. ଘଣ୍ଟ ଘୋଡ଼ାଇବା (୧) (ଲୁଚାଇବା) - ନିଜର ଅପକର୍ମକୁ ଘଣ୍ଟ ଘୋଡ଼ାଇବା ପାଇଁ ସେ ଆପ୍ରାଣ ଉଦ୍ୟମ କରୁଛନ୍ତି । (୨) (ରକ୍ଷା କରିବା) - ଭଗବାନ ତାକୁ ଘଣ୍ଟ ଘୋଡ଼ାଇ ରଖନ୍ତୁ, ଏହାହିଁ ପ୍ରାର୍ଥନା ।

୧୦୫. ଘରବୁଡ଼ା (ଯେ ସମ୍ପୂର୍ଣ୍ଣ କ୍ଷତି କରେ) - ଦିଗମ୍ବର ଅନେକ ଘର ମାଟିରେ ମିଶାଇଛି । ସେ ଘରବୁଡ଼ାକୁ ଆଦୌ ବିଶ୍ୱାସ ନାହିଁ ।

୧୦୬. ଘରବୁଡ଼ି ପାଣି ଆଣ୍ଠୁଏ (ଅବସ୍ଥା ଅସମ୍ଭାଳ ହେବା) - ଘରବୁଡ଼ି ପାଣି ଆଣ୍ଠୁଏ ହେଲାଣି, ଏତେବେଳେ ମନର ଦମ୍ଭ ହରାଇଲେ ସବୁ ସରିଯିବ ।

୧୦୭. ଘରପୋଡ଼ିରୁ କୁଟାଖିଏ ଗୋଟାଇବା (ସବୁ ନଷ୍ଟହେବା ପୂର୍ବରୁ କିଛିଟା ଉଦ୍ଧାର କରିବ) - ବନ୍ୟାଜଳ ଗ୍ରାମରେ ପ୍ରବେଶ କଲାପରେ ଆମେ ଘରପୋଡ଼ିରୁ କୁଟାଟିଏ ଗୋଟାଇବା ପରି ଘରୁ କିଛି ଜିନିଷପତ୍ର ନେଇ ଉଚ୍ଚ ସ୍ଥାନକୁ ପଳାଇଗଲୁ ।

୧୦୮. ଘର ଢ଼ିଙ୍କି କୁମ୍ଭୀର (ନିଜ ଲୋକ ଶତ୍ରୁ) - ତାଙ୍କ ଭାଇ ତାଙ୍କ ପତନର କାରଣ । ଘର ଢ଼ିଙ୍କି କୁମ୍ଭୀର, କାହାକୁ ଦୋଷ ଦିଆଯିବ ?

୧୦୯. ଘରେ ନ ପଶୁଣୁ ମୁଣ୍ଡରେ ଚାଳ (କାମ ଆରମ୍ଭ କରିବା ପୂର୍ବରୁ ବାଧା) - ତୋ କଥାରେ ଆଗକୁ ବଢ଼ିବା କଅଣ ? ସମସ୍ତେ ପରା ହାଉ ହାଉ ହେଲେଣି । ଘରେ ନ ପଶୁଣୁ ମୁଣ୍ଡରେ ଚାଳ ।

୧୧୦. ଚକ ଗଡିଲେ ବାର ହାତ (୧) (ବାହାନା ଦେଖାଇ ଖସି ପଳାଇବା) - ମୁଁ ଆଗ ତା' ହାବୁଡ଼ରୁ ଖସେ, ପରେ ଅନ୍ୟ କଥା ବିଚାର କରିବା, ଚକ ଗଡ଼ିଲେ ବାରହାତ, ସେ କ'ଣ ମୋତେ ଆଉ କେବେ ଧରି ପାରିବ ? (୨) (ହାତରୁ ଖସିଗଲେ ଆଉ ଧରିବା ଅସମ୍ଭବ) - ବହୁତ ଦିନ ଖୋଜିବା ପରେ ସେ ଆପେ ଧରାପଡ଼ିଛି । ଏତେବେଳେ ଯାହାକିଛି ଗୋଟାଏ ଫଇସଲା କର । ଚକ ଗଡ଼ିଲେ ବାରହାତ, ଏଇଠୁ ଖସିଲେ ତୁ ଆଉ ତା'ର ଚିହ୍ନବର୍ଣ୍ଣ ପାଇପାରିବୁ ନାହିଁ ।

୧୧୧. ଚଷୁ କୁଟିବା (ଅସାର କଡାରେ ମନ ଦେବା) - ତୁ ଯାହା କରୁଛୁ, କିଛି ତ ଫଳ ମିଳୁନି, କାହିଁକି ଚଷୁ କୁଟୁଛୁ ।

୧୧୨. ଚଳୁ କରିଦେବା (ଆତ୍ମସାତ କରିବା) - ସାମାନ୍ୟ ସୁଯୋଗ ପାଇଲେ ସେ ସବୁ ଚଳୁ କରିଦେବ । ତାଙ୍କ ପ୍ରତି ସତର୍କ ରହିବାକୁ ହେବ।

୧୧୩. ଚାରି ଦଉଡ଼ି କଟା କିମ୍ବା ରାଣ୍ଡିପୁଅ ଅନନ୍ତା କିମ୍ବା ଲଙ୍ଗଳା କଚ୍ଛୁରି (ଲଗାମହୀନ, ସମ୍ପୂର୍ଣ୍ଣ ବିଶୃଙ୍ଖଳା) - ଲୋକଟା ଗୋଟାପଣେ ଚାରି ଦଉଡ଼ି କଟା । ତାହା ପାଖରୁ ଉତ୍ତମ ଆଚରଣ ଆଶା କରିବା ଭୁଲ୍ ।

୧୧୪. ଚାଲିଲା ଶଗଡ଼ରେ ହାତ ଦେବା (ଅତି ଦୁଷ୍ଟ, ଅତି ଚଞ୍ଚଳ) - କୁନିଆ ଚାଲିଲା ଶଗଡ଼ରେ ହାତ ପୂରାଇ ଦେବା ପିଲା, ତାହା ଉପରେ ସବୁବେଳେ ଆଖି ରଖିବାକୁ ହେବ ।

୧୧୫. ଚିତା କାଟିବା (ଠକିବା) - ରାଧୁ ସମ୍ପୂର୍ଣ୍ଣ ଧୂର୍ତ୍ତ ଓ ଶଠ । ସେ ତା'ର ଜୀବନରେ ଅନେକଙ୍କୁ ଚିତା କାଟିଛି ।

୧୧୬. ଚିନିବୁହା ବଳଦ (ଫଳ ଭୋଗର ଆଶା ନରଖି କେବଳ କାମ କରିବା ରୀତି) - ତୁ ମୋତେ ଏକ ଚିନିବୁହା ବଳଦ ଭାବିଲେ ଚଳିବନି, ମୋ ଉପରେ କୌଣସି କାର୍ଯ୍ୟ ନ୍ୟସ୍ତ କରିବା ପୂର୍ବରୁ ସେଥିରେ ମୁଁ କଅଣ ପାଇବି ଆଗ କହ ।

୧୧୭. ଚୋର ମନ ଗଣ୍ଠିରେ (ଚରିତ୍ର ବଦଳିବା ସମ୍ଭବ ନୁହେଁ) - ତାହାକୁ ଯେତେ ନୀତିବାକ୍ୟ ଶୁଣାଇଲେ କିଛି ଲାଭ ନାହିଁ। ଚୋର ମନ ଗଣ୍ଠିରେ, ସୁଯୋଗ ପାଇବା ମାତ୍ରେ ସେ ତା'ର ଉଦ୍ଦେଶ୍ୟ ପୂରଣ କରିନେବ ।

୧୧୮. ଚୋରକୁ ମାନ କରି ଖପରାରେ ଖାଇବା (କାହା ପ୍ରତି ଅଭିମାନ କରି ଦୁଃଖ ଭୋଗ କରିବା) - ତାହା କଥାରେ ତୁମେ ଘରୁ ଚାଲିଆସିବା ଚୋରକୁ ମାନକରି ଖପରାରେ ଖାଇବା ସଙ୍ଗେ ସମାନ ।

Techofworld.In



୧୧୯. ଛାଇକି ଛଅ ଘା ମାରିବା (ପ୍ରକୃତ କାରଣ ନ ଥାଇ କଳି କରିବା) - ତା' ପାଖରୁ ଦୂରେଇ ରହ, ସେ ଛାଇକି ଛଅ ଘା ମାରିବା ଲୋକ।

୧୨୦. ଛାତିକି ଛାତି ଦେଇ (ସହଯୋଗ ପୂର୍ବକ) - ଲଘୁ ବିପଦରେ ସେ ମୋ ସହିତ ଛାତିକି ଛାତି ଦେଇ ଛିଡ଼ା ହୋଇଛନ୍ତି ।

୧୨୧. ଛାତି ପତେଇବା (ସମ୍ମୁଖୀନ ହେବା) - ସଂସାରରେ ବଞ୍ଚିବାକୁ ହେଲେ ବିପଦ ଆପଦକୁ ଛାତି ପତାଇ ସହିବାକୁ ହେବ ।

୧୨୨. ଛାଇ ପଡ଼ିଲେ ନାହି ଡ଼େଇଁବା (ଈର୍ଷା କରିବା, ଅସହିଷ୍ଣୁ ହେବା) - ମୋ ଛାଇ ପଡ଼ିଲେ ତାଙ୍କର ନାହି ଡ଼େଇଁଥାଏ, ମୁଁ କଅଣ କରିବି ?

୧୨୩. ଛାଇ ନ ମାଡ଼ିବା (ପାଖକୁ ନ ଯିବା) - ସେ ଭୟରେ ମୋ ଛାଇ ମାଡ଼ନ୍ତି ନାହିଁ ।

୧୨୪. ଛୁଆଁମାଛି ପରୀକ୍ଷା କିମ୍ବା ଖୁଣ୍ଟିନାଣ୍ଟି ଦେଖିବା (ଟିକିନିଖି ପରୀକ୍ଷା) - ପ୍ରଧାନ ଶିକ୍ଷକ ଛୁଆଁମାଛି ପରୀକ୍ଷା କରି ଗଲେ ।

୧୨୫. ଛେଳି ଗୋଡ଼ରେ ଧାନ ମକଚାଇବା (ଅଯୋଗ୍ୟ ବ୍ୟକ୍ତି ଉପରେ କାର୍ଯ୍ୟଭାର ନ୍ୟସ୍ତ କରିବା) - ଛେଳି ଗୋଡ଼ରେ ଧାନ ମକଚାଇବା ସମ୍ଭବ ନୁହେଁ । ତୁ ସେ ପିଲାଟା ଉପରେ ଘରର ଦାୟିତ୍ୱ କିପରି ଛାଡ଼ିଦେଇଛୁ ?

୧୨୬. ଛେନାରୁ ଚୋପା ଛଡ଼ାଇବା କିମ୍ବା ଜିରାକୁ ଶିରା କାଢ଼ିବା (ସବୁ କଥାରେ ତ୍ରୁଟି କାଢ଼ିବା, ସବୁବେଳେ ଦୋଷ କାଢ଼ିବା) - ତୋ ଦେଇ କିଛି ହବନି । ତୁ ଛେନାରୁ ଚୋପା ଛଡ଼ାଉଛୁ; ତେଣୁ କେଉଁ କାମଟା ପୂରା ହେବନି ।

୧୨୭. ଛାତି ପଥର କରିବା (ସବୁ ସହିବା) - ଯେତେ ବିପଦ ପଡ଼ିଲେ ସୁଦ୍ଧା ସେ ଛାତିକି ପଥର କରି ବସିଛନ୍ତି ତେଣୁ ସେ ଆଜି ଏତେ ଉଚ୍ଚରେ ।

୧୨୮. ଜଡ଼ାତେଲକୁ ମେଣ୍ଢା ବାଳ (ଖୁବ୍ ଆପଣାର) - ତୁ ତା'ର ସାଙ୍ଗ ଆଦୌ ଛାଡୁନୁ । ଜଡ଼ାତେଲକୁ ମେଣ୍ଢାବାଳ, ଦେଖାଯାଉ ଏ ବନ୍ଧୁତା କେତେକାଳ ଯାଉଛି ।

୧୨୯. ଜପାମାଳି (ସବୁବେଳେ ମନେପକାଇବା, ଘାରିହେବା) - ବିଦାୟ ବେଳର କଥା କେତେପଦକୁ ସେ ଜପମାଳି କରି ବସିଛନ୍ତି ।

୧୩୦. ଜଳନ୍ତା ନିଆଁରେ କୁଟା ପକାଇବା (କଥାକୁ ବଢ଼ାଇବା, ଉତ୍ସାହିତ କରିବା) - ବିପଦର ମୀମାଂସା ନ କରି ତର୍ଜମା କରିବା, ଜଳନ୍ତା ନିଆଁରେ କୁଟା ପକାଇବା ସଙ୍ଗେ ସମାନ ।

୧୩୧. ଜୀବନ ମୂର୍ଚ୍ଛା (ଆପ୍ରାଣ ଉଦ୍ୟମ) - ସେ ନିଜର ଲକ୍ଷ୍ୟ ହାସଲ ନିମିତ୍ତ ଜୀବନ ମୂର୍ଚ୍ଛା ଉଦ୍ୟମ ଚଳାଇଛନ୍ତି ।

୧୩୨. ଜୋକ ମୁହଁରେ ଲୁଣ (ଟାଣ ଭାଙ୍ଗିଦେବା) - ଅନାମ ଅସଲ କଥାଟା କହିଦେବା ପରେ ଜୋକ ମୁହଁରେ ଲୁଣ ଦେବା ପରି ଦନେଇ ପାଟିରେ ତାଲା ଲାଗିଗଲା ।

୧୩୩. ଜୋର୍ ଯାହାର ମୁଲକ ତାହାର (ବଳ ପ୍ରୟୋଗ କରି ଲକ୍ଷ୍ୟ ହାସଲ କରିବ) - ଆପଣଙ୍କୁ ଏଣିକି ପ୍ରତ୍ୟେକ କ୍ଷେତ୍ରରେ ସଂଯତ ହେବାକୁ ପଡ଼ିବ କାରଣ ଜୋର୍ ଯାହାର ମୁଲକ ତାହାର ନୀତି ଆଉ କାମ ଦେବନି ।

୧୩୪. ଝାଳବୁହା ଧନ (କଷ୍ଟୋପାର୍ଜିତ ଧନ) - ସେ ନିଜର ଝାଳବୁହା ଧନକୁ ମଉଜ ମଜଲିସ୍‌ରେ ଉଡ଼ାଇବାକୁ ପ୍ରସ୍ତୁତ ନୁହନ୍ତି ।

୧୩୫. ଝିଣ୍ଟିକା ମାରି ବଣି ପୋଷିବା (କୌଣସି ପ୍ରଭାବଶାଳୀ ବ୍ୟକ୍ତିର ସ୍ୱାର୍ଥସିଦ୍ଧି ପାଇଁ ଅନେକ ନିରୀହ ଲୋକଙ୍କ ସର୍ବନାଶ ଘଟାଇବା) - ଆପଣ ଝିଣ୍ଟିକା ମାରି ବଣି ପୋଷିବା ପରି ନିଜ ଦଳପତିଙ୍କ ସ୍ୱାର୍ଥସିଦ୍ଧି ପାଇଁ ସାଧାରଣ ଜନତାର ସ୍ୱାର୍ଥ ହାନି ଘଟାଇବା ଅତ୍ୟନ୍ତ ନିନ୍ଦନୀୟ ।

୧୩୬. ଝିମିଟି ଖେଳରୁ ମହାଭାରତ (ଛୋଟ କଥା ବଢ଼ି ବିରାଟ ଆକାର ଧାରଣ କରିବା) - ଆପୋଷ ବିବାଦକୁ ଧରି ବସିଲେ ଝିମିଟି ଖେଳରୁ ମହାଭାରତ ପରି ଦିନେ ଏକ ଅର୍ନ୍ତବିବାଦରେ ପରିଣତ ହେବ ।

୧୩୭. 'ଠ'ଅ ବୁଲିଯିବା (ସବୁ ଶେଷ ହୋଇଯିବା) - ଆପଣ ଯାହା କରୁଛନ୍ତି, ବିଚରାର 'ଠ'ଅ ବୁଲିଯିବ ।

୧୩୮. ଡାଳ କାଟିବା (ନିରାଶ୍ରୟ କରିବା) - ସେ ଗୋଟି ଗୋଟି କରି ଲୋକଟାର ସବୁ ଡାଳ କାଟି ସାରିଛନ୍ତି ।

୧୩୯. ଢ଼େଙ୍ଗା ମୁଣ୍ଡରେ ଠେଙ୍ଗା (ସମସ୍ତଙ୍କ ଦୃଷ୍ଟିରେ ଥିବା ବ୍ୟକ୍ତି ଉପରେ ବିପଦର ମାତ୍ରା ଅଧିକ ଥାଏ) - ଏ ଅଞ୍ଚଳରେ ଯାହା ଘଟିବ, ସମସ୍ତେ ତୋତେ ଦାୟୀ କରିବେ । କାରଣ ଢ଼େଙ୍ଗା ମୁଣ୍ଡରେ ଠେଙ୍ଗା ।

୧୪୦. ଢ଼ୋଲ ପିଟିବା (ପ୍ରଚାର କରିବା) - ତୋତେ ସମସ୍ତେ ଚିହ୍ନିଛନ୍ତି । ତୁ ନିଜ ସପକ୍ଷରେ ଯେତେ ଢ଼ୋଲ ପିଟିଲେ ବି ସେଥିରେ କେହି କାନ ଦେବେ ନାହିଁ ।

୧୪୧. ଢ଼ୋଲ ଭିତରେ ମୂଷା (ଶତ୍ରୁ ଆମ ଘରେ ଗୁପ୍ତରେ ଲୁଚି ରହିବା) - ତୋ ପୁଅ ତ ସବୁ କଥା ବାହାରେ କହୁଅଛି । ଢ଼ୋଲ ଭିତରେ ମୂଷା କାହାକୁ କହିବା ?

୧୪୨. ତିନି ତେର କରିବା (ଠକିବା) - ତାହାକୁ ବିଶ୍ୱାସ ନାହିଁ । ତିନି ତେର କରିବାରେ ସେ ଧୂରନ୍ଧର ।

୧୪୩. ତିନି ପାଞ୍ଚିରୁ ଯିବା (ସର୍ବନାଶ ଘଟିବା) - ତୁମ୍ଭେମାନେ ସମସ୍ତେ ଲାଗିପଡ଼ି ଯାହା କଲ, ତାହା କ'ଣ ଠିକ୍ ହେଲା ? ଲୋକଟା ତିନିପାଞ୍ଚିରୁ ଗଲା, ତୁମ୍ଭମାନଙ୍କୁ କଅଣ ମିଳିଲା ?

୧୪୪. ତିନି ତୁଣ୍ଡରେ ଛେଳି କୁକୁର (ବହୁଲୋକ ମିଥ୍ୟା କହି ତାହାକୁ ସତ୍ୟ ବୋଲି ବାହିଲ କରିବା) - ତିନି ତୁଣ୍ଡରେ ଛେଳି କୁକୁର; ତେଣୁ ଅନ୍ୟର ନିନ୍ଦା କରିବା ଅଭ୍ୟାସ ପରିହାର କର ।

Techofworld.In



୧୪୫. ତିଳକୁ ତାଳ କରିବା (କଥାକୁ ବଢ଼େଇ କହିବା) - ତିଳକୁ ତାଳ କରି ଭାଷଣ ଦେବା ତା'ର ଚରିତ୍ରଗତ ଗୁଣ; ତେଣୁ ତା' କଥା ଉପରେ ଗୁରୁତ୍ୱ ଆରୋପ କରିବା ଅନୁଚିତ୍ ।

୧୪୬. ତୁଳସୀ ଦୁଇ ପତ୍ରରୁ ବାସେ (ଆରମ୍ଭ (ବାଲ୍ୟାବସ୍ଥା) ରୁ ସୁଗୁଣ ସୂଚନା ମିଳିବା) - ତୁଳସୀ ଦୁଇ ପତ୍ରରୁ ବାସିବା ପରି ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିଭା ପିଲାଦିନରୁ ଜଣା ପଡ଼ିଥିଲା ।

୧୪୭. ତେଲ ଘଡ଼ିକୁ ଆଶା, ପୁଅ ମୁଣ୍ଡକୁ ଆଶା (ବିନା ଖର୍ଚ୍ଚରେ ଅଭାବ ପୂରଣ କରିବାକୁ ଇଚ୍ଛା) - ତୋର ତେଲଘଡ଼ିକୁ ଆଶା, ପୁଅ ମୁଣ୍ଡକୁ ଆଶା । ଏପରି ଅବସ୍ଥାରେ ତୋର ଉଦ୍ଦେଶ୍ୟ ପୂରଣ ହେବା ଆଦୌ ସମ୍ଭବ ନୁହେଁ ।

୧୪୮. ଦଗା ଦେବା (ବିଶ୍ୱାସଘାତକତା କରିବା) - ତାଙ୍କୁ ଆଦୌ ସାଙ୍ଗରେ ନିଅ ନାହିଁ । ସେ ବହୁଲୋକଙ୍କୁ ଦଗା ଦେଇଛି, ତୋତେ କ'ଣ ଛାଡ଼ିବ ?

୧୪୯. ଦରିଦ୍ର ପଞ୍ଚାକ୍ଷର ("କ'ଣ କରିବା" ଏହି ପାଞ୍ଚଟି ଅକ୍ଷର) - କର୍ମ ପ୍ରତି ବିମୁଖ ବ୍ୟକ୍ତି ନିଜ ଜୀବନରେ ଦରିଦ୍ର ପଞ୍ଚାକ୍ଷର ଜପିବା ସ୍ୱାଭାବିକ ।

୧୫୦. ଦାଉ ସାଧିବା (ପ୍ରତିଶୋଧ ନେବା) - ତୁ ବେଳ ଉଣ୍ଡି ଦାଉ ସାଧିବାକୁ ବସିଛୁ । ମାତ୍ର ତୋର ଉଦ୍ଦେଶ୍ୟ ପୂରଣ ହେବ ନାହିଁ

୧୫୧. ଦାନ ଉପରେ ଦକ୍ଷିଣା (ଲଗାତାର ଅପବ୍ୟୟ) - ଯାହା ତ ନେଇଛୁ, ଫେରାଇବାକୁ ନାହିଁ । ଏବେ ପୁଣି ମାଗୁଛୁ, କଅଣ ଦାନ ଉପରେ ଦକ୍ଷିଣା ?

୧୫୨. ଦାନାପାଣି ଉଠିବା (ଚାକିରି ଯିବା ବା ଜୀବିକା ନଷ୍ଟ ହେବା) - ନିଜର ଅପକର୍ମ ଯୋଗୁଁ ତାଙ୍କର ଏଠାରୁ ଦାନାପାଣି ଉଠିଲା; କିଏ କ'ଣ କରିବ ?

୧୫୩. ଦାନା ମାରିବା କିମ୍ବା ଦାନାରେ ଧୂଳିଦେବା (ଜୀବିକା ନଷ୍ଟ କରିବା) - ଆମ ଗାଁ ସରପଞ୍ଚ କେବେହେଲେ କୌଣସି ଲୋକର ଦାନା ମାରିବ ନାହିଁ ।

୧୫୪. ଦାନ୍ତ ନିକୁଟିବା (ଅତିଶୟ ବିନୀତ) - ଆପଣଙ୍କ ପାଖରୁ କିଛି ସାହାଯ୍ୟ ଆଶାରେ ସେ କେତେବେଳୁ ଦାନ୍ତ ନିକୁଟି ଛିଡ଼ାହୋଇଛି ।

୧୫୫. ଦାନ୍ତରେ କୁଟା ଦେବା (ଦୋଷ ସ୍ୱୀକାର କରିବା) - ଲୋକଟା ଦାନ୍ତରେ କୁଟାଦେଇ ନେହୁରା ହେଲାଣି, ତାକୁ ଆଉ କି ଦଣ୍ଡ ଦେବ?

୧୫୬. ଦାନ୍ତୁଡ଼ିର ହସିବା କାନ୍ଦିବା ସମାନ (କେବଳ ମୁହଁକୁ ଦେଖି ସମସ୍ତଙ୍କର ମନର ଭାବ ବୁଝିବା କଷ୍ଟକର) - ଦାନ୍ତୁଡ଼ିର ହସିବା କାନ୍ଦିବା ସବୁ ସମାନ; ତେଣୁ ତୁ କେବଳ ମୁହଁକୁ ଚାହିଁ ତା'ର ମନ ତଳର ଦୁଃଖ କ'ଣ ବୁଝିବୁ ?

୧୫୭. ଦିଅଁ ଗଢୁ ଗଢୁ ମାଙ୍କଡ଼ (ଅତି ଯତ୍ନ ଦେବାକୁ ଯାଇ ବିକୃତ କରିବା) - ପୁଅ ମନେମନେ କଳା ଫୁଟଉଛି, ଏଣେ ଦିଅଁ ଗଢୁ ଗଢୁ ମାଙ୍କଡ଼ କରି ଥୋଇଲାଣି ।

୧୫୮. ଦିଅଁ ଖାଇ ଖଟୁଲି ଗିଳିବା (ସମ୍ପୂର୍ଣ୍ଣ ହଡପ୍ କରିବା) - ତାଙ୍କ ଉପରେ ଘରର ଦାୟିତ୍ୱ ଦେଇ ତୁ ନିଶ୍ଚିନ୍ତ ରହିବା ଆଦୌ ଭଲ ନୁହେଁ । କାରଣ ସେ ଯେଉଁଥିରେ ହାତ ଦେଇଛି; ଦିଅଁକୁ ଖାଇ ଖଟୁଲି ଗିଳିଛି ।

୧୫୯. ଦୀର୍ଘନିଶ୍ୱାସ ପକାଇବା (ଥକିଯାଇ ହାଇ ମାରିବା) - ସେ ଦୁର୍ବଳ ଥିବାରୁ କାମ କଲାବେଳେ ଥରକୁଥର ଦୀର୍ଘନିଃଶ୍ୱାସ ପକାଇ ତଳେ ବସିପଡୁଛନ୍ତି ।

୧୬୦. ଦୀପ ତଳ ଅନ୍ଧାର (ଅତି ପାଖରେ ଥିବା ବ୍ୟକ୍ତି ଉପରେ ପ୍ରଭାବ ପଡ଼େ ନାହିଁ) - ଏତେ ବଡ଼ ଲୋକଟା ପାଖରେ ରହି ତୁ କଅଣ ଶିଖିଲୁ ? ଆରେ, ଦୀପ ତଳ ଅନ୍ଧାର, ତୁ କଅଣ କରିବୁ ?

୧୬୧. ଦେଉଳକୁ ମୁକୁଶିଆଳି ବଳିବା (ବାହାର ଆଡ଼ମ୍ବର କରୁ କରୁ ମୂଳ ଜିନିଷକୁ ଉପେକ୍ଷା କରିବା) - ବିଭାଘର ଖର୍ଚ୍ଚ ଆଗକୁ ଅଛି । ତା ଆଗରୁ ତୁ ଯେମିତି ହାତ ମେଲା କଲୁଣି, ଦେଉଳକୁ ମୁକୁଶିଆଳି ବଳିଯିବା ପରି ମନେହେଉଛି ।

୧୬୨. ଦୋଘାଇରେ ପଡ଼ିବା (ବିଷମ ସମସ୍ୟାରେ ପଡ଼ିବା) - ତାଙ୍କର ଅବସର ଗ୍ରହଣ ସମୟ ଏତେ ପାଖେଇଲାଣି, ଅଥଚ ପିଲାଗୁଡ଼ାକ ଥଇଥାନ ହୋଇପାରି ନାହାନ୍ତି । ତେଣୁ ସେ ଏବେ ଦୋଘାଇରେ ପଡ଼ିଛନ୍ତି, ତାଙ୍କୁ ବୁଦ୍ଧିବାଟ କିଛି ଦେଖାଯାଉ ନାହିଁ ।

୧୬୩. ଦେଖା ସୁନ୍ଦର କଖାରୁ ବଡ଼ି (ବାହାରକୁ ଚହଟ ଚିକ୍କଣ ଅଥଚ ଭିତର ଫମ୍ପା) - ତୁ ମୋତେ ବିଦ୍ୟାଧର ପାଖକୁ ଯିବାକୁ କହୁଛୁ ତ; ସେ ପରା ଦେଖା ସୁନ୍ଦର କଖାରୁ ବଡ଼ି, ତା' ଦେଇ କିଛି ହେବ ନାହିଁ ।

୧୬୪. ଧର୍ମବକ ସାଜିବା (କପଟ ଧାର୍ମିକ ହେବା) - ସେ ଜୀବନଯାକ ନାନା ଅପକର୍ମ କରିଛନ୍ତି । ଏବେ ଯିବା ଆସିବା ବେଳକୁ ଧର୍ମବକ ସାଜିଛନ୍ତି ।

୧୬୫. ଧର୍ମକୁ ଆଖିମିଟିକା ମାରିବା (ବେଶି ପାପ କରି ଟିକିଏ ପୁଣ୍ୟ କରିବା) - ଜନତାଙ୍କ ଠାରୁ ସର୍ବସ୍ୱ ଖାଇ ଏଠିସେଠି କଅଣ ଗୋଟେ ଦି'ଟା କାମ କରିଦେବା, ଧର୍ମକୁ ଆଖି ମିଟିକା ମାରିବା କଥା ସିନା ।

Techofworld.In



## ଅନୁଶୀଳନୀ - ୧

୧. ନିର୍ବୋଧ - ଏହି ଅର୍ଥ ପ୍ରକାଶ କରୁଥିବା ରୂଢ଼ିଟି କ'ଣ ହେବ ?
(କ) ଓଳିଆରୁ ଗଜା (ଖ) ଗୋବର ଗଣେଶ
(ଗ) ଘୋଷା ବଳଦ (ଘ) ଅକଲ ଗୁଡୁମ୍

୨. ବିରାଡି ଛିଙ୍କିବା - ରୁଢ଼ିଟିର ଅର୍ଥ କ'ଣ ?
(କ) ଉପେକ୍ଷା କରିବା
(ଖ) ବ୍ୟର୍ଥ ହେବା
(ଗ) ଅନୁକୂଳ ବିଗିଡିଯିବା
(ଘ) ଚିନ୍ତିତ ହେବା

୩. ମୁହଁ ଦେବା - ରୂଢ଼ିଟିର ଅର୍ଥ କଣ ?
(କ) ପ୍ରତିଶୋଧ ନେବା (ଖ) ପ୍ରଶ୍ରୟ ଦେବା
(ଗ) ନେହୁରା ହେବା (ଘ) ଅମାନ୍ୟ କରିବା

୪. ବିପଦ ନ ଆସୁଣୁ ସତର୍କ - ଏହି ଅର୍ଥ ପ୍ରକାଶ କରୁଥିବା ରୂଢ଼ିଟି ଲେଖ।
(କ) ନଈ ସୁଅକୁ ବାଲି ବନ୍ଧ
(ଖ) ନଈ ନ ଦେଖୁଣୁ ଲଙ୍ଗଳା
(ଗ) ନଛୋଡବନ୍ଧା
(ଘ) ବାଆକୁ ବତା

୫. ଅତି ପୁରୁଣା - ଏହି ଅର୍ଥ ପ୍ରକାଶ କରୁଥିବା ରୂଢ଼ିଟି ବାଛ।
(କ) ଅନ୍ଧର ଲଉଡି
(ଖ) ଓଳିଆରୁ ପଡି ଗଜା
(ଗ) ଆସିଆ କାଳର ମାସିଆ
(ଘ) ନ ଦେଖିଲା ଓଉ ଛଫଡା

୬. ଭାଗ୍ୟଫଳ - ଏହି ଅର୍ଥ ପ୍ରକାଶ କରୁଥିବା ରୂଢ଼ିଟି ବାଛ।
(କ) କାଠିକର ପାଠ (ଖ) କପାଳ ଲିଖନ
(ଗ) କରଛଡା (ଘ) କୁମ୍ଭୀର କାନ୍ଦଣା

୭. ବୃଥା ସ୍ୱପ୍ନ - ଏହି ଅର୍ଥ ପ୍ରକାଶ କରୁଥିବା ରୂଢ଼ିଟି କଣ ?
(କ) ଅଲଣା କଥା (ଖ) କପାଳ ଲିଖନ
(ଗ) ଆକାଶ କୁସୁମ (ଘ) ଉପର ଠାଉରିଆ

୮. କ୍ଷୀଣ ଆଶ୍ରୟ - ଏହି ଅର୍ଥ ପ୍ରକାଶ କରୁଥିବା ରୂଢ଼ିଟି କଣ ?
(କ) ଅନ୍ଧର ଲଉଡି (ଖ) ଅରକ୍ଷିତକୁ ଦଇବ ସାହା
(ଗ) ବାଆକୁ ବତା (ଘ) ଆପଣା ସୁନା ଭେଣ୍ଡି

୯. ଦୁଃଖ ଉପରେ ଦୁଃଖ - ଏହି ଅର୍ଥ ପ୍ରକାଶ କରୁଥିବା ରୂଢ଼ିଟି ବାଛ ?
(କ) କଟା ଘା'ରେ ଚୂନ ଦେବା
(ଖ) କପାଳ ଫାଟିବା
(ଗ) ଆ ବଳଦ ମୋତେ ବିନ୍ଧ୍
(ଘ) ବୋଝ ଉପରେ ନଳିତା ବିଡା

୧୦. ଅସମ୍ଭବ କଥା ସମ୍ଭବ ହେବା - ଏହି ଅର୍ଥ ପ୍ରକାଶ କରୁଥିବା ରୂଢ଼ିଟି କଣ ?
(କ) ଆଖିରେ ଧୂଳି ଦେବା
(ଖ) ବାହାଘର ବେଳେ ବାଇଗଣ ରୋଇବା
(ଗ) ଉଷୁନା ଧାନ ଗଜା ହେବା
(ଘ) କୁହୁଡି ପହଁରିବା

୧୧. ନାଆଁ ରଖିବା - ଏହା କି ପ୍ରକାର ରୂଢ଼ି ?
(କ) କ୍ରିୟାହୀନ (ଖ) ତୁଳନାତ୍ମକ
(ଗ) କ୍ରିୟାଯୁକ୍ତ (ଘ) ଏଥିରୁ କେଉଁଟି ନୁହେଁ

୧୨. ସବୁ ଶେଷ କରିଦେବା - ଏହି ଅର୍ଥ ପ୍ରକାଶ କରୁଥିବା ରୂଢ଼ିଟି କଣ ?
(କ) କଳାକନା ବୁଲେଇ ଦେବା
(ଖ) ଚଳୁ କରିଦେବା
(ଗ) ଖାଇବା ପତ୍ରରେ ଧୂଳି ଦେବା
(ଘ) ଆଖିରେ ଧୂଳି ଦେବା

୧୩. ପ୍ରସ୍ତୁତ ହୋଇ ରହିବା - ଏହି ଅର୍ଥ ପ୍ରକାଶ କରୁଥିବା ରୂଢ଼ିଟି କଣ ?
(କ) ଗୋଡ ଟେକି ବସିବା
(ଖ) କାନରେ ହାତ ଦେବା
(ଗ) ଗାଲରେ ହାତ ଦେବା
(ଘ) କାମରେ ହାତ ଦେବା

୧୪. ଭଲ ବେଳ ପଡିବା - ଏହି ଅର୍ଥ ପ୍ରକାଶ କରୁଥିବା ରୂଢ଼ିଟି କଣ ?
(କ) କପାଳ ଫାଟିବା
(ଖ) ବିରାଡି କପାଳକୁ ଶିକା ଛିଣ୍ଡିବା
(ଗ) କପାଳ ଖୋଲିବା
(ଘ) ପିଠିରେ ପଡିବା

୧୫. ବାଟ ଭାଙ୍ଗିବା - ଏହି ରୂଢ଼ିର ଅର୍ଥ କଣ ?
(କ) ଉପେକ୍ଷା କରିବା
(ଖ) ଅପେକ୍ଷା କରିବା
(ଗ) ବିରକ୍ତ ହେବା
(ଘ) ଘୃଣା କରିବା

୧୬. ତଳେ ପକାଇବା - ଏହି ରୂଢ଼ିର ଅର୍ଥ କଣ ?
(କ) ସୁନାମ ଅର୍ଜନ କରିବା
(ଖ) ଅମାନ୍ୟ କରିବା
(ଗ) ଛୋଟ କଥାକୁ ବଡ କରିବା
(ଘ) ଯଶ ରଖିବା

Techofworld.In



୧୭. ମୁଣ୍ଡକୁ ତେନ୍ତୁଳିଆ ବିଛା କାମୁଡିବା - ଏହି ରୂଢ଼ିଟିର ଅର୍ଥ କଣ ?
(କ) ସୁବିଧା ଦେବା
(ଖ) ପ୍ରତିଶୋଧ ନେବା
(ଗ) ଭୀଷଣ ଚିନ୍ତାରେ ପଡିବା
(ଘ) ରାଗରେ ଜର୍ଜରିତ ହେବା

୧୮. ହାତ କରିବା - ଏହି ରୂଢ଼ିଟିର ଅର୍ଥ କଣ ?
(କ) କୌଶଳରେ ଆୟତ୍ତ କରିବା
(ଖ) କୌଶଳରେ ଜଞ୍ଜାଳଗ୍ରସ୍ତ କରାଇବା
(ଗ) କୌଶଳରେ ଜୀବିକାରୁ ଉଚ୍ଛେଦ କରିବା
(ଘ) ନେହୁରା ହେବା

୧୯. ମନ ଘର ଧରିବା - ଏହି ରୂଢ଼ିର ଅର୍ଥ କଣ ?
(କ) କମ୍ ଅସୁବିଧାରୁ ଯାଇ ବହୁତ ଅସୁବିଧାରେ ପଡିବା
(ଖ) ଅସୁବିଧାରେ ପଡି ସଚେତନ ହେବା
(ଗ) ଖୁବ୍ ନିରୀହ
(ଘ) ଅଭିଜ୍ଞତାରୁ ଶିକ୍ଷା ଲାଭ

୨୦. ଫଟେଇ ହେବା - ଏହି ରୂଢ଼ିର ଅର୍ଥ କଣ ?
(କ) ନ ପଚାରୁଣୁ କରିବା
(ଖ) ଗୋଟାଏ କଥାକୁ ବାରମ୍ବାର ପଚାରିବା
(ଗ) ଅଥୟ କରିବା
(ଘ) ଅନୁମାନ କରି କହିବା

୨୧. ପିଲାଟି ଏପରି ...... ଯେ, ଯାହା କହିବି ତାହା କରିବ।
(କ) ବଣ ବିଛୁଆତି
(ଖ) ନଈ ନଦେଖୁଣୁ ଲଙ୍ଗଳା
(ଗ) ନଛୋଡ ବନ୍ଧା
(ଘ) କରଛଡା

୨୨. ତା' ବାପା ଚିରଦିନ ପାଇଁ .....
(କ) ଆଖି ବୁଜିଲେ (ଖ) ବାଟି କାଟିଲେ
(ଗ) ବାଟ ଭାଙ୍ଗିଲେ (ଘ) ଦାଉ ସାଧିଲେ

୨୩. ସେ ମୋ ସଂପତ୍ତି ଉପରେ.... ।
(କ) ଆଖି ବୁଲାଇଲେ (ଖ) ଆଖି ପାକାଇଲେ
(ଗ) ଆଖି ରଖିଲେ (ଘ) ଦୃଷ୍ଟି ପକାଇଲେ

୨୪. ତାକୁ ଆଉ କିଛି କୁହ ନାହିଁ, ସେ ଭୟରେ.... ପଡିଗଲାଣି।
(କ) କଳାକାଠ (ଖ) ଜଡ
(ଗ) କଳାକନା (ଘ) ମୁର୍ଚ୍ଛା

୨୫. ନାତିଟି ଆଈଙ୍କର ... ହୋଇଛି।
(କ) କରଛଡା (ଖ) ଅନ୍ଧର ଲଉଡି
(ଗ) ଜପାମାଳି (ଘ) ଗୋବର ଗଣେଶ

## ଉତ୍ତର

୧. (ଖ) ୨ (ଗ) ୩ (କ) ୪ (ଘ) ୫ (ଖ) ୬(ଘ) ୭ (ଘ) ୮ (ଘ) ୯ (ଘ) ୧୦(ଗ)
୧୧ (ଗ) ୧୨ (ଖ) ୧୩ (କ) ୧୪ (ଗ) ୧୫ (କ) ୧୬ (ଖ) ୧୭ (ଗ) ୧୮ (କ) ୧୯ (ଖ) ୨୦ (ଖ)
୨୧ (ଗ) ୨୨ (କ) ୨୩ (ଖ) ୨୪ (କ) ୨୫ (ଗ)